# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 June – 2026**

**********************************

## ମୁଖ୍ୟ ସମ୍ବାଦ

- ଜନ କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ଯୋଗ ଏକ ମାର୍ଗ; ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ କହିଲେ ପ୍ରଧାନମନ୍ତ୍ରୀ
- ଭାରତୀୟ ନୌସେନାରେ ସାମିଲ ହେଲା ସ୍ୱଦେଶୀ ନିର୍ମିତ ତିନୋଟି ଯୁଦ୍ଧ ଜାହାଜ
- ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ

ଏବଂ

- ଏନ୍.ଟି.ଏ ପରିଚାଳିତ ନିଟ୍–ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

# ଯୋଗ ଦିବସ

ଭାରତ ସମେତ ସମଗ୍ର ବିଶ୍ୱରେ ଆଜି ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। 'ସୁସ୍ଥ ଆୟୁ ପାଇଁ ଯୋଗ' ବିଷୟବସ୍ତୁ ଆଧାରରେ ଯୋଗର ଉପକାରିତା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆଜିର ଦିନରେ ସଚେତନତା ସୃଷ୍ଟି କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି କୋଲକାତାର ରେଡ୍ ରୋଡ୍‌ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଶ୍ରୀ ମୋଦୀ ଯୋଗାଭ୍ୟାସ କରିବା ସହ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଯୋଗ ନିକଟରେ ଜନସାଧାରଣ, ସମାଜ ଓ ଦେଶକୁ ଏକତ୍ର କରିବାର ଅଦ୍ଭୂତ ଶକ୍ତି ରହିଛି। ଯୋଗ ଜନକଲ୍ୟାଣ ସହିତ ବିଶ୍ୱ ଶାନ୍ତି ପାଇଁ ଏକ ମାର୍ଗ ବୋଲି ଶ୍ରୀ ମୋଦୀ କହିଥିଲେ।

**- V/O -**

ଯୋଗ ହେଉଛି ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି। ଏହା ମାନସିକ ସୁସ୍ଥତା ତଥା ଶାରୀରିକ ସୁସ୍ଥତାକୁ ସନ୍ତୁଳିତ କରିବା ସହ ସକାରାତ୍ମକ ଜୀବନ ଅତିବାହିତ କରିବାରେ ସହାୟକ ହୋଇଥାଏ। ଯୋଗକୁ କେବଳ ଏକ ନିର୍ଦ୍ଦିଷ୍ଟ ଦିବସରେ ସୀମିତ ନ ରଖି ଜୀବନର ଏକ ଅଂଶଭାବରେ ଗ୍ରହଣ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସରକାରଙ୍କ ଦ୍ୱାରା ୧୦୦ ଦିନିଆ ଅନଲାଇନ୍ ଯୋଗ ପ୍ରଶିକ୍ଷଣ ଯୋଗୁଁ 'ଚଳିତ ବର୍ଷ ସବୁଦିନ ଯୋଗ' ସ୍ଲୋଗାନ ଲୋକପ୍ରିୟ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଥିଲେ।

ସୂଚନା ଅନୁସାରେ, ୨୦୧୫ ମସିହାରୁ ଆନ୍ତର୍ଜାତିକ ଯୋଗଦିବସ ପାଳନ ହେବା ଦିନଠାରୁ ପ୍ରଧାନମନ୍ତ୍ରୀ’ ଦିଲ୍ଲୀ, ଚଣ୍ଡିଗଡ଼, ଲକ୍ଷ୍ନୌ, ମହିଶୂର, ନ୍ୟୁୟର୍କ, ଶ୍ରୀନଗର ଏବଂ ବିଶାଖାପାଟଣାରେ ଯୋଗ ଦିବସର ନେତୃତ୍ୱ ନେଇଛନ୍ତି ।

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଇଥିଲା ।

BBSR/R

## ଯୋଗଦିବସ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ, ଯୋଗ ଏକ ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ ଓ ନିରୋଗ ଜୀବନଯାପନର ଏକ ସମ୍ପୂର୍ଣ୍ଣ ବିଜ୍ଞାନ । ସୁସ୍ଥ ଓ ଚାପମୁକ୍ତ ଜୀବନ ପାଇଁ ସମସ୍ତଙ୍କୁ ନିୟମିତ ଯୋଗାଭ୍ୟାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ଜଟଣୀର ବିଞ୍ଝଗିରିଠାରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପ୍ୟାଥି ଅନୁଷ୍ଠାନ ନିର୍ମାଣ ଚାଲିଛି । ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

BDK/K.pada/Katak/K.put/G.jam/K.dujhar/Jajpur/N.gada

## ଜିଲ୍ଲା– ଯୋଗଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କେନ୍ଦୁଝର ଧରଣୀଧର କ୍ରୀଡ଼ା ପରିସରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୋଗ ସମାରୋହରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୈନନ୍ଦୀନ ଜୀବନରେ ଯୋଗକୁ ସାମିଲ କରିବା ପାଇଁ ଏକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ, ଯୁବ ସଂଗଠକ, ଛାତ୍ରଛାତ୍ରୀ ଏବଂ ଜନପ୍ରତିନିଧି ଯୋଗାଭ୍ୟାସ କରିଥିଲେ ।

ଯାଜପୁର ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୋଗ ଦିବସରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ଯୋଗ ଶରୀର ଓ ମନକୁ ସୁସ୍ଥ ରଖିବାରେ ସହଯୋଗ କରୁଥିବାରୁ ନିୟମିତ ଯୋଗ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

**- V/O -**

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ମଧୁସୂଦନ ନଗର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମଧ୍ୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଏହି ଦିବସ ପାଳିତ ହୋଇଯାଇଛି । ନିରୋଗ ଶରୀର, ସୁସ୍ଥ ମନ, ବାର୍ଦ୍ଧକ୍ୟ ନିମନ୍ତେ ନିୟମିତ ଯୋଗାଭ୍ୟାସ ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍.ଆଇ.ଆର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା ।

କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ ।

ଭାରତୀୟ ଯୋଗସଂସ୍ଥାନ ପକ୍ଷରୁ କଟକ ମର୍କତନଗର ସେକ୍ଟର-୬ ଜୟ ପ୍ରକାଶ ନାରାୟଣ ପାର୍କଠାରେ ଯୋଗ ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଦାସଙ୍କ ସମେତ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ, ଜନସାଧାରଣ ଯୋଗାଭ୍ୟାସ କରିଥିଲେ ।

କେନ୍ଦ୍ରାପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାର ଏହା ଏକ ଅମୂଲ୍ୟ ଦାନ ବୋଲି କହିଥିଲେ ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଜନପ୍ରତିନିଧିମାନେ ଯୋଗାଭ୍ୟାସ କରିଥିଲେ।

Desk

# ପିଏମ୍-ନାଭି ପ୍ଲାଟଫର୍ମସ

ଜାହାଜ ନିର୍ମାଣ କ୍ଷେତ୍ରରେ ଏକ ନୂତନ ଦୃଷ୍ଟିକୋଣ ସହିତ ଭାରତ ଦ୍ରୁତ ଅଗ୍ରଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପଶ୍ଚିମବଙ୍ଗର କୋଲକାତାରେ ଆଜି ସ୍ୱଦେଶୀ ନିର୍ମିତ ୩ଟି ଯୁଦ୍ଧଜାହାଜକୁ ନୌସେନାରେ ସାମିଲ କରିବା ଅବସରରେ ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାର ଗତ ୧୨ ବର୍ଷରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ନୀତିଗତ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ନୌସେନାରେ ଆଜି ତିନୋଟି ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ଦୁନାଗିରି, ଆଇ.ଏନ୍.ଏସ୍. ସଂଶୋଧକ ଏବଂ ଆଇ.ଏନ୍.ଏସ୍. ଅଗ୍ରୟକୁ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ନୌସେନାରେ ଏହି ଯୁଦ୍ଧଜାହାଜଗୁଡ଼ିକ ସାମିଲ ହେବା ପରେ ଦେଶର ସାମୁଦ୍ରିକ କ୍ଷେତ୍ର ଅଧିକ ସୁରକ୍ଷିତ ହୋଇପାରିବ ।

Kendujhar/BBSR/R

# ଉପମୁଖ୍ୟମନ୍ତ୍ରୀ– ଖରିଫ ଋତୁ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କୃଷି କାର୍ଯ୍ୟକ୍ରମ ଓ ଆଗାମୀ ଖରିଫ ଋତୁ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ଶ୍ରୀ ସିଂହଦେଓ କ୍ଷେତ୍ରସ୍ତରରେ ଚାଷୀଙ୍କ ସହିତ ଆଲୋଚନା ଓ ଏଲ୍ ନିନୋ ଜନିତ ଅସ୍ୱାଭାବିକ ମୌସୁମୀ ପରିସ୍ଥିତିର ସମ୍ଭାବନାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। କୃଷି ବିଭାଗର ଅଧିକାରୀମାନଙ୍କୁ ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଏବଂ ଜିଲ୍ଲା କୃଷି ଆପଦକାଳୀନ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଥିଲେ। ଚାଷ ସମୟରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମୟୋଚିତ ପରାମର୍ଶ, କୃଷି ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ଓ କ୍ଷେତ୍ରସ୍ତରୀୟ ସ୍ଥିତିର ନିରନ୍ତର ତଦାରଖ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ସିଂହଦେଓ' ଜିଲ୍ଲାରେ ଆଦର୍ଶ କୃଷି କ୍ଷେତ୍ର ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିବା ଜମି ବୁଲି ଦେଖିଥିଲେ। ଏହି ପ୍ରସ୍ତାବିତ ମଡେଲ ଫାର୍ମଗୁଡ଼ିକ କୃଷି ପ୍ରଦର୍ଶନ, ଗବେଷଣା ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ଚାଷୀଙ୍କ ମଧ୍ୟରେ ଉନ୍ନତ ଚାଷ ପ୍ରଣାଳୀର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

BBSR/R

## ରାଜ୍ୟ ସରକାର– ଦୁଇବର୍ଷ ପୂର୍ତ୍ତି

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଶାସନକାଳ ପୂର୍ତ୍ତି ଉପଲକ୍ଷେ ଆସନ୍ତା ବୁଧବାରଠାରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିକଶିତ ଓଡ଼ିଶା ପାଇଁ ଜନଭାଗିଦାରୀ– ସଶକ୍ତ ନାଗରିକ, ସମାବେଶୀ ସହର, ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ବିଷୟବସ୍ତୁ ଆଧାରରେ ଏହାର ଆୟୋଜନ କରାଯିବ। ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ପୁରୀ ପୌରପାଳିକା ଟାଉନହଲଠାରେ ଅପରାହ୍ନ ସମୟରେ ଆରମ୍ଭ ହେବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ନାଗରିକଙ୍କ  ସହିତ ସମ୍ପର୍କକୁ ଅଧିକ ସୁଦୃଢ଼, ସହରୀ ବିକାଶ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତାର ପ୍ରଦର୍ଶନ ଏବଂ ରାଜ୍ୟର ସହରାଞ୍ଚଳ ଭବିଷ୍ୟତକୁ ସମୃଦ୍ଧ କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଜନସମ୍ପର୍କ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ, ପରିମଳ, ସାଧାରଣ ପରିବହନ, ମେଟ୍ରୋ ଭିଜନ ଏବଂ ଡିଜିଟାଲ ଶାସନ କ୍ଷେତ୍ରରେ ହାସଲ ହୋଇଥିବା ସଫଳତାକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। କାର୍ଯ୍ୟକ୍ରମର ସୂଚାରୁ ରୂପାୟନ ପାଇଁ ସମସ୍ତ ମହାନଗର ନିଗମ କମିଶନର ଏବଂ ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

Desk

# ନିଟ୍ ୟୁଜି ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ ଦ୍ୱାରା ପରିଚାଳିତ ନିଟ୍–ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ଅପରାହ୍ନ ୨ଟାରୁ ଆରମ୍ଭ ହୋଇଥିବାବେଳେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା।

ଦେଶର ୫୫୧ଟି ସହରରେ ୫ ହଜାର ୪୫୪ଟି ପରୀକ୍ଷା କେନ୍ଦ୍ର ସମେତ ବିଦେଶର ୧୪ଟି ସହରରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶାର ୨୭ଟି ସହରରେ ୧୩୨ଟି ପରୀକ୍ଷା କେନ୍ଦ୍ରର ପ୍ରାୟ ୫୭ ହଜାର ଛାତ୍ରଛାତ୍ରୀ ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଏହି ପରୀକ୍ଷାକୁ ସୂଚାରୁରୂପେ ସମ୍ପନ୍ନ କରିବା ପାଇଁ ଗତକାଲି ଦେଶବ୍ୟାପୀ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ନିଟ୍ ୟୁଜି ପରୀକ୍ଷା ପାଇଁ ୨ ଲକ୍ଷରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ଆଧାର ଆଧାରିତ ଚିହ୍ନଟୀକରଣ ପ୍ରକ୍ରିୟା ବ୍ୟବସ୍ଥା କରାଯାଇଥିଲା।